# PMGSY works to come under scanner

Staff Reporter

- A social research and development organisation takes up the project
- Works to be monitored through community participation

**BERHAMPUR:** An experimental project has been initiated in Gajapati district to bring in transparency in the implementation of Pradhan Mantri Gram Sadak Yojna (PMGSY). The project has been taken up by Youth for Social Development (YSD), a social research and development organisation.

According to Bibhu Prasad Sahu of YSD, it will be a one-and-half-year project. Under it, the whole contract selection process for the PMGSY roads will be studied and scrutinised. Every aspect of contract selection process and its transparency will be taken into account.

Through participation of localites, the process of construction of rural roads under the PMGSY will be monitored. It will be studied whether the quality complies with the agreement of the contract or not. Through increased community participation and monitoring, the quality of rural roads being taken up under the PMGSY can be improved a lot, says Mr. Sahu.

The aim of PMGSY is to provide road communication to all habitations having a population of more than 500 persons. In the past, there were allegations of corruption and misappropriation of sanctioned funds during the laying of the PMGSY roads in remote tribal pockets.

Under the project, the localites will be made aware of the Right to Information (RTI) Act and they will be urged to use it to get information about the PMGSY project taken up in their respective areas thereby increasing the social accountability.

## Citizen panels

Citizen committees will be formed to monitor the road-laying work. The YSD has joined hands with local social organisations for it. It has also got in touch with the Rural Works Department of Gajapati district for proper implementation of the project. It feels monitoring by beneficiaries will surely help in improving quality of PMGSY roads.

# ଗଜପତିରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ତଦାରଖ କରିବ 'ୱାଇଏସ୍‌ଡି'

ପାରଳାଖେମୁଣ୍ଡି,୫।୪(ଇମିସ): ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ) ଆନୁକୂଲ୍ୟରେ ୩.୬୮ ଲକ୍ଷ କିଲୋମିଟର ରାସ୍ତା ନିର୍ମାଣ ସାରା ଦେଶରେ ସମାପ୍ତ ହୋଇସାରିଛି । ଏହି ଯୋଜନା ବର୍ତ୍ତମାନ ମଧ୍ୟ ଚାଲୁ ରହିଛି ଓ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୁର୍ଗମ ଓ ପଛୁଆ ଅଂଚଳ ଗୁଡିକ ଭଲ ରାସ୍ତାଟିଏ ସଂଯୋଗ କରିବା ପାଇଁ ନିର୍ମାଣ କରାଯିବ । ଆମ ରାଜ୍ୟରେ ଗ୍ରାମ୍ୟ ଉନ୍ନୟନବିଭାଗ ଏହି ରାସ୍ତା ନିର୍ମାଣ କାର୍ଯ୍ୟକ୍ରମର ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭିନ୍ନ କାରଣ ଯୋଗୁଁ ବହୁ ସ୍ଥାନରେ ପିଏମ୍ ଜେଏସ୍‌ୱାଇ ରାସ୍ତାଗୁଡିକ ମାନ ଅନୁସାରେ ନିର୍ମିତ ହୋଇପାରୁନାହିଁ କିମ୍ବା ଅଧାପନ୍ତରିଆରେ ରାସ୍ତାକାମ ବନ୍ଦ ହୋଇଯାଉଛି । ବିଶ୍ୱ ବ୍ୟାଙ୍କ ସହଯୋଗରେ ପିଏମ୍‌ଜିଏସ୍‌ୱାଇ ପାଇଁ ଭାରତ ସରକାର ୬୦ ହଜାର କୋଟି ଟଙ୍କା ପାଇ ସାରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲାରେ ତଦାରଖ କରିବା ପାଇଁ ବ୍ରହ୍ମପୁର ସ୍ଥିତ 'ୟୁଥ୍ ଫର୍ ସୋସିୟଲ୍ ଡେଭେଲପମେଣ୍ଟ' (ୱାଇଏସ୍‌ଡି) ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନକୁ ବିଶ୍ୱ ବ୍ୟାଙ୍କ ତରଫରୁ ଦାୟିତ୍ୱ ଦିଆଯାଇଛି । ଆସନ୍ତା ୧୮ ମାସ ମଧ୍ୟରେ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଜପତି ଜିଲ୍ଲାରେ ୧୦ଗୋଟି ପିଏମ୍ ଜେଏସ୍ ୱାଇ ପ୍ୟାକେଜର ତଦାରଖ କରିବାସହ ଏହା ନିୟମ ଅନୁସାରେ ନିର୍ମିତ ହେଉଛି କି ନାହିଁ ତାହା ଉପରେ ବିଶେଷ ଧ୍ୟାନ ରଖିବେ । ଆଜି ଆନୁଷ୍ଠାନିକ ଭାବେ ବଜାର ନିୟନ୍ତ୍ରଣ କମିଟି ପ୍ରାକ୍ଷାଳୟରେ ଏହି କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପ୍ରଧାନ, ଦୂରଦର୍ଶନର ପୂର୍ବତନ ଅଧିକାରୀ ଏନ୍ ଏନ୍ ପଣ୍ଡା ଓ ଅବସରପ୍ରାପ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ୱାଏସ୍‌ଡିର ସଂପାଦକ ତଥା ଏହି ଅନୁଷ୍ଠାନର ମୁଖ୍ୟ ବିଭୂପ୍ରସାଦ ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ତଥ୍ୟ ଉପସ୍ଥାପନ କରି କହିଥିଲେ, ଜିଲ୍ଲାରେ ନିର୍ମାଣାଧୀନ ଥିବା ପିଏମ୍‌ଜିଏସ୍‌ୱାଇ ରାସ୍ତା ଉପରେ ସମସ୍ତେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କାରଣ କେନ୍ଦ୍ର ସରକାର ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରୁଥିବା ବେଳେ ଠିକ୍ ମାନରେ ଓ ନିୟମ ଅନୁସାରେ ଏହା କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି । ଏହି କର୍ମଶାଳାକୁ ପରିଚାଳନା କରିଥିଲେ ପ୍ରବୋଧ କୁମାର ପାଣ୍ଡେ (ପ୍ରୋଗ୍ରାମ୍ ମ୍ୟାନେଜର) ଓ ଶ୍ରୀରାମ ରଥ(କ୍ଷେତ୍ର ସଂଯୋଜକ) । ଆଜିର ଏହି ସଭାରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ଗଜପତି-ଗଂଜାମ ଜିଲ୍ଲାରେ ୱାଇଏସ୍‌ଡି ତରଫରୁ ଏହା ଏକ ପାଇଲେଟ୍ ପ୍ରଜେକ୍ଟ ଭାବେ ଗ୍ରହଣ କରାଯାଇଛି ।

